## ସଂକ୍ଷେପରେ

### ୨୫ ଆକ୍ରାନ୍ତ, ୫ ମୃତ

**ଢେଙ୍କାନାଳ ଅଫିସ,୨।୮:** ଢେଙ୍କାନାଳ ଜିଲାରୁ ସୋମବାର ୨୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ୬୫ ଜଣ କରୋନାରୁ ସୁସ୍ଥ ହୋଇଥିବା ବେଳେ ୫ ଜଣଙ୍କ ମୃତ୍ୟୁ ହୋଇଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୬, ସଦର ବ୍ଲକରୁ ୬, ଓଡାପଡାରୁ ୬, କାମାକ୍ଷାନଗରରୁ ୧, ହିନ୍ଦୋଳରୁ ୧, ପରଜଙ୍ଗରୁ ୧, କଙ୍କଡାହାଡରୁ ୨, ଗଁଦିଆ ଓ ଭୁବନରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୩୭୦ ଆକ୍ରାନ୍ତ ଚିକିତ୍ସାଧୀନ ଥିବାବେଳେ ମୋଟ୍ ମୃତକଙ୍କ ସଂଖ୍ୟା ୧୨୫ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ସ୍ତ୍ରୀଙ୍କ ବେକ କାଟି ହତ୍ୟା ଉଦ୍ୟମ

**ଢେଙ୍କାନାଳ ଅଫିସ,୨।୮:** ପାରିବାରିକ କଳହରୁ ସ୍ତ୍ରୀଙ୍କ ବେକ କାଟି ହତ୍ୟା ଉଦ୍ୟମ କରିଛନ୍ତି ସ୍ୱାମୀ। ଢେଙ୍କାନାଳ ଜିଲା ଗଁଦିଆ ଥାନା ମୁଣ୍ଡା ସାହିରେ ଘଟିଛି ଏହି ଘଟଣା। ମହିଳାଙ୍କ ଅବସ୍ଥା ଏବେ ଗୁରୁତର ରହିଛି। ସୋମବାର ଅପରାହ୍ନରେ ସାହିର ରତନୀ ବୋୟା(୪୦)ଙ୍କ ବେକକୁ ତାଙ୍କ ସ୍ୱାମୀ ଦିଲୀପ ବୋୟା ଏକ ଧାରୁଆ ଅସ୍ତ୍ରରେ କାଟି ଦେଇଥିଲେ। ଗୁରୁତର ଅବସ୍ଥାରେ ରତନୀଙ୍କୁ ପ୍ରଥମେ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା କରାଯାଉଛି। ଖବରପାଇ ଗଁଦିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ବିଷ୍ଣୁଚରଣ ବାରିକ ସୂଚନା ଦେଇଛନ୍ତି।

### ସ୍ୱାମୀଙ୍କ ଠେଙ୍ଗା ମାଡ଼ରେ ସ୍ତ୍ରୀ ମୃତ

**କଣିହାଁ ୨।୮ (ଡି.ଏନ.ଏ.):** କଣିହାଁ ବ୍ଲକ ରେଙ୍ଗାଲି ଥାନା ଟାଙ୍କିହାଟିଂରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀ ରଞ୍ଜନ ଭୂଇଁଆଙ୍କ ଠେଙ୍ଗା ମାଡ଼ରେ ସ୍ତ୍ରୀ ଜେମା ହାଁସଦାଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, ଦୀର୍ଘ ୩ରୁ ୪ ମାସ ହେବ ରଞ୍ଜନ ଟାଙ୍କିହାଟିଂସ୍ଥିତ ଶାଶୁ ସମ୍ଧାରୀ ହାଁସଦାଙ୍କ ଘରେ ରହି ଆସୁଥିଲେ। ରବିବାର ବିଳମ୍ବିତ ରାତିରେ ସମସ୍ତେ ଶୋଇଥିବାବେଳେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଥିବା ରଞ୍ଜନ ଏକ କାଠ ଫାଳିଆରେ ଜେମାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ସେହି ସମୟରେ ଶାଶୁ ସମ୍ଧାରୀ ଛଡେଇବା ପାଇଁ ଆସିବାରୁ ତାଙ୍କୁ ମଧ ରଞ୍ଜନ ହତ୍ୟା ଧମକ ଦେଇଥିଲେ। ସକାଳେ ଜେମା ମୃତ୍ୟୁବରଣ କରିଥିବା ସମ୍ଧାରୀ ଦେଖିବାକୁ ପାଇଥିଲେ। ଏ ନେଇ ସେ ରେଙ୍ଗାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆଇଆଇସି ସାଇଣ୍ଟିଫିକ ଟିମ୍ ନେଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଘଟଣାର ତଦନ୍ତ ଜାରି ରହିଛି।

### ଏସ୍‌ଡିପିଓଙ୍କ ଯୋଗଦାନ

**କାମାକ୍ଷାନଗର,୨।୮(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର



ଉପଖଣ୍ଡରେ ସୋମବାର ନୂତନ ଉପଖଣ୍ଡ ପୋଲିସ ଅଧିକାରୀ ଭାବେ ରଞ୍ଜନ କୁମାର ଦେ ଯୋଗ ଦେଇଛନ୍ତି। ଏହାପୂର୍ବରୁ ସେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇରେ ଏସ୍‌ଡିପିଓ ଭାବେ କାର୍ଯ୍ୟ କରୁଥିଲେ। କାମାକ୍ଷାନଗରରେ ଥିବା ଏସ୍‌ଡିପିଓ ଅନିଲ କୁମାର ବେଉରିଆଙ୍କ ଆନନ୍ଦପୁର ବଦଳି ହେବା ପରେ ରଞ୍ଜନ ତାଙ୍କଠାରୁ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। କାମାକ୍ଷାନଗର ଉପଖଣ୍ଡରେ ଆଇନଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯିବ ବୋଲି ରଞ୍ଜନ ପ୍ରକାଶ କରିଛନ୍ତି।

### ନୂତନ ଉପଜିଲାପାଳ

**କାମାକ୍ଷାନଗର,୨।୮(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗରର ନୂତନ ଉପଜିଲାପାଳ ଭାବେ ସୋମବାର ଜ୍ୟୋତି



ଶଙ୍କର ସାହୁ ଯୋଗଦାନ କରିଛନ୍ତି। ଜ୍ୟୋତି ୨୦୦୬ ବ୍ୟାଚ୍‌ର ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ। ଏହାପୂର୍ବରୁ ସେ ଭୁବନେଶ୍ୱର ଜଙ୍ଗଲ ଓ ପରିବେଶ, ଜଳବାୟୁ ବିଭାଗର ଉପ ଶାସନ ସଚିବ ଭାବେ କାର୍ଯ୍ୟ କରୁଥିଲେ। ମଧ୍ୟାହ୍ନରେ ସେ କାର୍ଯ୍ୟାଳୟରେ ପହଞ୍ଚି ଭାରପ୍ରାପ୍ତ ଉପଜିଲାପାଳ ସଞ୍ଜୟ କୁମାର ରାଉତଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ପରେ କାର୍ଯ୍ୟାଳୟ କର୍ମଚାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଉପଖଣ୍ଡର ଉନ୍ନତି ଦିଗରେ ଧ୍ୟାନ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ସଚେତନ କରୁଛି ବାଇକର୍ସ କ୍ଲବ

■୧୨ ସଦସ୍ୟଙ୍କ ନିଆରା ପ୍ରୟାସ
■ଦୁର୍ଘଟଣା ରୋକିବାକୁ ପ୍ରାଥମିକତା
■ପର୍ଯ୍ୟଟନର କରୁଛନ୍ତି ପ୍ରଚାର ପ୍ରସାର



ବାଇକର୍ସ କ୍ଲବର ସଦସ୍ୟମାନେ।

**ଢେଙ୍କାନାଳ ଅଫିସ,୨।୮**

ସଡ଼କ ସୁରକ୍ଷା ସହ ଦୁର୍ଘଟଣା ରୋକିବା ଦିଗରେ କାର୍ଯ୍ୟ କରୁଛି ଢେଙ୍କାନାଳ ବାଇକର୍ସ କ୍ଲବ। କ୍ଲବର ମୋଟ୍ ୧୨ଜଣ ସଦସ୍ୟ ବର୍ଷକ ମଧ୍ୟରେ ପ୍ରାୟ ୪ ହଜାର କିଲୋମିଟର ପରିଭ୍ରମଣ କରି ଯୁବ ଗୋଷ୍ଠୀଙ୍କୁ ସଚେତନ କରିବାର ଉଦ୍ୟମ ଜାରି ରଖିଛନ୍ତି। ଏଥିସହ ପର୍ଯ୍ୟଟନର ପ୍ରଚାର, ପ୍ରସାର କରିବାର ଏକ ନିଆରା ପ୍ରୟାସ ମଧ୍ୟ କ୍ଲବ ସଦସ୍ୟମାନଙ୍କ ପକ୍ଷରୁ କରାଯାଉଛି।

୭ ଜୁଲାଇ ୨୦୨୦ରେ ଢେଙ୍କାନାଳ ବାଇକର୍ସ କ୍ଲବ ପ୍ରତିଷ୍ଠା ହୋଇଥିଲା। ଗତ ୭ ଜୁଲାଇକୁ ଏହି କ୍ଲବକୁ ଏକବର୍ଷ ପୂରଣ ହୋଇଛି। ଇତିମଧ୍ୟରେ ୧୨ଜଣ ସଦସ୍ୟ ଶୁଭେନ୍ଦୁ କୁମାର ସ୍ୱାଇଁ, ବିଶାଳ ପଟ୍ଟନାୟକ, ମଳୟ ପଟ୍ଟନାୟକ, ସୌମ୍ୟ ରଞ୍ଜନ ପରିଡା, ଶଶାଙ୍କ ଶେଖର ପ୍ରଧାନ, ରାଜେଶ କୁମାର ସାମଲ, ଜାହିଦ ଅଲ୍ଲୀ, ଅଭିମନ୍ୟୁ ସ୍ୱାଇଁ, ହିମାଂଶୁ ଦାସ, ପ୍ରିୟରଞ୍ଜନ ବରାଳ, ରାକେଶ କୁମାର ସାମଲ ଓ ସୌମ୍ୟ ପ୍ରକାଶ ସାହୁ ୧୨ଟି ବାଇକ୍‌ରେ ୧୨ମାସ ମଧ୍ୟରେ ୩୮୬୭ କିଲୋମିଟର ପରିଭ୍ରମଣ କରିଛନ୍ତି। ଢେଙ୍କାନାଳ ଜିଲା ସମେତ ଅନୁଗୋଳ, କେନ୍ଦୁଝର, ପୁରୀ, ଗଞ୍ଜାମ, ଗଜପତି, ବାଲେଶ୍ୱର, ଭଦ୍ରକ ଜିଲାର ବିଭିନ୍ନ ଅଞ୍ଚଳ ସହିତ ପଶ୍ଚିମବଙ୍ଗର ଦୀଘା ପର୍ଯ୍ୟଟନ ସ୍ଥଳୀ କ୍ଲବର ସଦସ୍ୟମାନେ ବାଇକ୍ ଯୋଗେ ପରିଭ୍ରମଣ କରିଛନ୍ତି। ଏହି ସମୟରେ ଯୁବପିଢ଼ି କିପରି ସୁରକ୍ଷିତ ଭାବେ ବାଇକ୍ ଚାଳନା କରିବେ, ସେ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଛି। ଏଥିସହ ବାଇକ୍ ଚାଳନା ସମୟରେ ନିୟମିତ ହେଲମେଟ ପିନ୍ଧିବା, ହାତରେ ଗ୍ଲୋବ୍ସ ଓ ପାଦରେ ଜୋତା ପିନ୍ଧିବା, ବାଇକ୍‌ର ପ୍ରଦୂଷଣ ସାର୍ଟିଫିକେଟ, ଇନସୁରାନ୍ସ ଏବଂ ପଞ୍ଜୀକରଣ କାଗଜପତ୍ର ଅପ୍‌ଡେଟ୍ କରିବା ଆଦି ବିଷୟରେ ଯୁବ ଗୋଷ୍ଠୀଙ୍କୁ ବୁଲିବୁଲି ସଚେତନ କରାଯାଇଛି। ବିଭିନ୍ନ ଜିଲାର କଳା, ସଂସ୍କୃତି, ପର୍ଯ୍ୟଟନ ଏବଂ ପରମ୍ପରାକୁ ଜାଣିବା ସହିତ ସେଠାକାର ଲୋକମାନଙ୍କ ଚାଲିଚଳଣ ସମ୍ପର୍କରେ ଆଲୋଚନା କରି ସେସବୁ ଘଟଣାବଳୀକୁ ଇଣ୍ଟରନେଟ ମାଧ୍ୟମରେ ଅନ୍ୟମାନଙ୍କ ନିକଟରେ ପହଞ୍ଚାଯାଉଛି। କୋଭିଡ୍ କଟକଣାକୁ ନଜରରେ ରଖି କେଉଁ ଜିଲାରେ କ'ଣ ପରିସ୍ଥିତି ଏବଂ ସେଠାରେ କିଭଳି ବାଇକ ଆରୋହୀଙ୍କ ପାଇଁ ଅନୁମତି ରହିଛି, ତାହାକୁ ଅନୁଧ୍ୟାନ କରି ସଦସ୍ୟମାନେ ପରିଭ୍ରମଣ କରୁଛନ୍ତି। ସେହିପରି ବିଭିନ୍ନ ଜିଲାରେ କୋଭିଡ କଟକଣା ପାଳନ ଅନୁଯାୟୀ ହୋଟେଲ କିମ୍ବା ଲଜ୍‌ରେ ସଦସ୍ୟମାନେ ରାତ୍ରିଯାପନ କରୁଛନ୍ତି। ଢେଙ୍କାନାଳ ବାଇକର୍ସ କ୍ଲବର ଏହି ନିଆରା ପ୍ରୟାସ ଯୁବ ଗୋଷ୍ଠୀମାନଙ୍କ ପାଇଁ ପ୍ରେରଣା ଦାୟକ ହୋଇଛି।

**ସଚେତନ ପାଇଁ ଉଦ୍ୟମ କରୁଛୁ**



ଦୁର୍ଘଟଣା ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ଆମ କ୍ଲବର ମୂଳ ଲକ୍ଷ୍ୟ। ବାଇକ୍ ଚାଳନା ସମୟରେ ହେଲମେଟ୍ ପିନ୍ଧିବା ନାହାତି ଜରୁରୀ। ନିୟମାନୁଯାୟୀ ସମସ୍ତ କାଗଜପତ୍ର ଅପଡେଟ୍ କରାଯିବା ଉଚିତ। ଏ ସମ୍ପର୍କରେ ବିଭିନ୍ନ ଅଞ୍ଚଳ ପରିଭ୍ରମଣ ସମୟରେ ସଚେତନ କରୁଛୁ। ସେହିପରି ରାଜ୍ୟର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ ଜାରି ରଖିଛୁ।

-ଶୁଭେନ୍ଦୁ କୁମାର ସ୍ୱାଇଁ, ଢେଙ୍କାନାଳ

**କ୍ଲବ ସଦସ୍ୟ ନିୟମ ମାନୁଛନ୍ତି**



ଏକବର୍ଷ ହେବ ଢେଙ୍କାନାଳ ବାଇକର୍ସ କ୍ଲବ ପ୍ରତିଷ୍ଠା ହୋଇଛି। ଆମ କ୍ଲବରେ ଯିଏ ସଦସ୍ୟ ହେବେ, ତାଙ୍କ ବାଇକ୍‌ର କାଗଜପତ୍ର ଅପଡେଟ୍ ରହିବା ସହିତ ସେ ମଧ ବାଇକ୍ ଚାଳନାର ସମସ୍ତ ନିୟମ ମାନିବାକୁ ବାଧ୍ୟ।

-ଜାହିଦ୍ ଅଲ୍ଲୀ, ଢେଙ୍କାନାଳ

**୩୮୬୭ କି.ମି. ପରିଭ୍ରମଣ କରିଛୁ**



ସଡକ ସୁରକ୍ଷା, ସୁରକ୍ଷିତ ବାଇକ୍ ଚାଳନା ଓ ପର୍ଯ୍ୟଟନ କ୍ଷେତ୍ରର ପ୍ରଚାର ପ୍ରସାର ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରୁଛୁ। କୋଭିଡ କଟକଣାକୁ ମାନି ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛୁ। ବର୍ଷକ ମଧ୍ୟରେ ୩୮୬୭ କିଲୋମିଟର ପରିଭ୍ରମଣ କରିଛୁ। ଆଗକୁ ବହୁ ଅଞ୍ଚଳ ଯିବାର ଲକ୍ଷ୍ୟ ରହିଛି।

-ମଳୟ ପଟ୍ଟନାୟକ, ଢେଙ୍କାନାଳ

# ଖୋଲିଲା କପିଳାସ ପ୍ରାଣୀ ଉଦ୍ୟାନ

**ପ୍ରଥମ ଦିନରେ ୨୬୦ ପର୍ଯ୍ୟଟକ**

**ଢେଙ୍କାନାଳ ଅଫିସ,୨।୮**

ଢେଙ୍କାନାଳ ଜିଲାର କପିଳାସ ପ୍ରାଣୀ ଉଦ୍ୟାନ ସୋମବାରଠାରୁ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ପ୍ରଥମ ଦିନରେ ୨୬୦ ଜଣ ପର୍ଯ୍ୟଟକ ପ୍ରାଣୀ ଉଦ୍ୟାନ ବୁଲି ଦେଖିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ୨୦ ଜଣ ବୋଟିଂ କରିଥିଲେ। ଗତ ଏପ୍ରିଲ ମାସରୁ କୋଭିଡ୍ କଟକଣା ଯୋଗୁ ପ୍ରାଣୀ ଉଦ୍ୟାନକୁ ବନ୍ଦ କରିଦିଆଯାଇଥିଲା। କୋଭିଡ ନିୟମ କୋହଳ ପରେ ପ୍ରାଣୀ ଉଦ୍ୟାନକୁ ଖୋଲାଯାଇଛି। ପର୍ଯ୍ୟଟକମାନେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଏଠାରେ ବାଧ୍ୟତାମୂଳକ କରାଯାଇଛି। ଦୀର୍ଘଦିନ ପରେ ପ୍ରାଣୀ ଉଦ୍ୟାନ ପରିସରରେ ପର୍ଯ୍ୟଟକମାନେ ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କୁ ଦେଖିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ମୋବାଇଲରେ ଫଟୋ ଉଠାଇବାର ମଜା ନେଇଥିଲେ। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ସୋମବାରଠାରୁ କପିଳାସ ପ୍ରାଣୀ ଉଦ୍ୟାନ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। କୋଭିଡ ନିୟମ ପାଳନକୁ ବାଧ୍ୟତାମୂଳକ କରାଯାଇଛି।



କପିଳାସ ପ୍ରାଣୀ ଉଦ୍ୟାନର ଦୃଶ୍ୟ।

# ୮ ପଞ୍ଚାୟତରେ ବୈଠକ

**ବଇଣ୍ଡା,୨।୮(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ, ଆମ୍ବସରମୁଣ୍ଡା, ପେଡିପଥର, ପାଇକସାହି, ସାପଘରା, କୁରୁମଟାପ, କୃତ୍ତିବାସପୁର, ସାନହୁଲା ପଞ୍ଚାୟତରେ ସୋମବାର ବିଜେଡି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ବିଜେଡି ପକ୍ଷରୁ ପ୍ରତେକ ପଞ୍ଚାୟତରେ କର୍ମୀ ଓ ଅଞ୍ଚଳ ବାସୀଙ୍କୁ ନେଇ ବୈଠକ କରାଯାଉଛି। ବ୍ଲକ ସଭାପତି ବୃନ୍ଦାବନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ କିଭଳି ସଂଗଠନ ମଜଭୁତ ହେବ ସେ ନେଇ ପରମର୍ଶ ଦେଇଥିଲେ। ବିଧାୟକଙ୍କ ପ୍ରତିନିଧି କ୍ଷୀରୋଦ ବଘାର, ହୃଦାନନ୍ଦ ସାହୁ, ନିରୋଜ କାନ୍ତ ସାହୁ, ମାଗୁଣି ଚରଣ ନାୟକ, ଧନେଶର ସାହୁ, ଜଟାଧାରୀ ମୁଦୁଲି, ପବିତ୍ର ସାହୁ, ସୁଶାନ୍ତ ସାହୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଏଥିସହ ପାଇକସାହି ହାଇସ୍କୁଲରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଥିଲା।

# ଓକିଲ ସଂଘର ଦାବିପତ୍ର

**କାମାକ୍ଷାନଗର,୨।୮(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗରରେ ନିୟୋଜିତ ବିଦ୍ୟୁତ୍ ବିତରକ ସଂସ୍ଥା ଟାଟା କମ୍ପାନୀର ମନମୁଖୀ କାର୍ଯ୍ୟକୁ ନେଇ ସୋମବାର କାମାକ୍ଷାନଗର ଓକିଲ ସଂଘ ତରଫରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଶତାଧିକ ସଦସ୍ୟ ସଭାପତି ଧର୍ମାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ କୋର୍ଟ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି କାର୍ଯ୍ୟାଳୟ ଠାରେ ପହଞ୍ଚି ଥିଲେ। ଏହାପରେ ଉପଜିଲାପାଳ ଦାୟିତ୍ୱରେ ଥିବା ତହସିଲଦାର ସଞ୍ଜୀର ରାଉତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। କରୋନାକାଳରେ ବିନା ଅନୁମତିରେ ଉପଭୋକ୍ତାଙ୍କ ଘରେ ଚଢାଉ କରିବା, ପୂର୍ବରୁ ବକେୟା ସଂଶୋଧନ କରିବା ପାଇଁ ମିଥ୍ୟା ପ୍ରତିଶ୍ରୁତି ଦେଇ ଟଙ୍କା ଆଦାୟ କରିବା ଆଦିକୁ ଓକିଲ ସଂଘ ପକ୍ଷରୁ ନିନ୍ଦା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳ, ଉପସଭାପତି ସୂର୍ଯ୍ୟନାରାୟଣ ସାହୁ, ରଞ୍ଜନ ରାଉତ, ପବିତ୍ର ମୋହନ ବିଶ୍ୱାଳ, ଦେବୀଦତ୍ତ ସାମଲ, ଦେବବ୍ରତ ସାମଲ, ଶାନ୍ତନୁ ଶତପଥୀ, ସଞ୍ଜୀବ ବେହେରା, ଅଶୋକ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଓକିଲ ସଂଘ କର୍ମକର୍ତ୍ତା ଓ ସଦସ୍ୟ।

# ପ୍ରଶାସନର ଦ୍ୱାରସ୍ଥ ହେଲେ ଦୃଷ୍ଟିହୀନ

**ଠିକ୍ ପ୍ରମାଣପତ୍ର ଦାବି**

**ଢେଙ୍କାନାଳ ଅଫିସ,୨।୮**

ଠିକ୍ ଭାବେ ପ୍ରମାଣପତ୍ର ମିଳି ନ ଥିବାରୁ ଢେଙ୍କାନାଳ ଜିଲା ବାଲିମୀ ଥାନା ଭାନୁପଡା ଗ୍ରାମର ଦୃଷ୍ଟିହୀନ ସୁଧାଂଶୁ କୁମାର ସାହୁ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେ ଅଭିଯୋଗ କରିଛନ୍ତି, କଟକ ଏସ୍‌ସିବି ଚିକିତ୍ସାଳୟରେ ୨୦୦୯ ମସିହାରେ ତାଙ୍କୁ ଶତ ପ୍ରତିଶତ ଭିନ୍ନକ୍ଷମ ବୋଲି ପ୍ରମାଣପତ୍ର ମିଳିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଅନ୍‌ଲାଇନରେ ପ୍ରମାଣପତ୍ର ପାଇଁ ସେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ତାଙ୍କୁ ୪୦ ପ୍ରତିଶତ ଭିନ୍ନକ୍ଷମ ବୋଲି ପ୍ରମାଣପତ୍ରରେ ଦର୍ଶାଯାଇଥିଲା। ଦୁଇଟି ପ୍ରତିଷ୍ଠିତ ସରକାରୀ ଚିକିତ୍ସାଳୟରୁ ଭିନ୍ନ ପ୍ରକାର ପ୍ରମାଣପତ୍ର ମିଳିବା ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ସେ କୌଣସି କାର୍ଯ୍ୟ ପାଇଁ ଏହି ପ୍ରମାଣପତ୍ରକୁ ବ୍ୟବହାର କରିପାରି ନ ଥିଲେ। ଶେଷରେ ନ୍ୟାୟ ପାଇଁ ସେ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବା ସହିତ ତୁରନ୍ତ ତାଙ୍କୁ ଭିନ୍ନକ୍ଷମ ସମ୍ପର୍କିତ ଠିକ୍ ପ୍ରମାଣପତ୍ର ପ୍ରଦାନ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜୟକୃଷ୍ଣ ନାୟକ କହିଛନ୍ତି, ଚକ୍ଷୁ ବିଶେଷଜ୍ଞଙ୍କ ସମେତ ଅନ୍ୟାନ୍ୟ ବିଶେଷଜ୍ଞଙ୍କୁ ନେଇ ଏକ ବୋର୍ଡ ବସିବା ପରେ ଦୃଷ୍ଟିହୀନ ସମ୍ପର୍କିତ ପ୍ରତିଶତ ନିର୍ଦ୍ଧାରଣ ହୋଇଥାଏ। ଏ ସମ୍ପର୍କରେ ଆମେ ଜାଣିବା ପରେ ଚକ୍ଷୁ ବିଶେଷଜ୍ଞଙ୍କ ପକ୍ଷରୁ ଏସ୍‌ସିବି ଚକ୍ଷୁ ବିଭାଗକୁ ଏକ ରିପୋର୍ଟ ମାଗିଛୁ। ବର୍ତ୍ତମାନ ସୁଦ୍ଧା ତାହା ମିଳି ନ ଥିବାରୁ ଆଉ ଦୁଇଥର ରିମାଇଣ୍ଡର ଦିଆଯାଇଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଡା. ନାୟକ ପ୍ରକାଶ କରିଛନ୍ତି।



ଦୃଷ୍ଟିହୀନ ସୁଧାଂଶୁ।

# ଅବରୋଧ ହଟାଇବାକୁ ଦାବି

**ହିନ୍ଦୋଳ,୨।୮(ଡି.ଏନ.ଏ.)**

ହିନ୍ଦୋଳ ଏନ୍‌ଏସି ଅନ୍ତର୍ଗତ ୮ ନଂ ୱାର୍ଡ ଗୁଣ୍ଡିଚାମଣ୍ଡପ ସାହିରେ ଏକ ସରକାରୀ ରାସ୍ତାକୁ ଅଞ୍ଚଳର ଜଣେ ବ୍ୟକ୍ତି ଦୀର୍ଘବର୍ଷ ଧରି ଜବରଦଖଲ ରଖିଛନ୍ତି। ଏହାର ପ୍ରତିବାଦରେ ସାହିବାସୀ ସୋମବାର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ସମ୍ପୃକ୍ତ ବ୍ୟକ୍ତି ଜଣକ ରାସ୍ତା ଜବରଦଖଲ କରି ତା ଉପରେ ଶୌଚାଳୟ ଟାଙ୍କି ନିର୍ମାଣ କରିଛନ୍ତି। ଫଳରେ ଉକ୍ତ ଟାଙ୍କିର ଅପରିଷ୍କାର ପାଣି ରାସ୍ତାରେ ମାଡ଼ି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଜନସାଧାରଣ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଜବରଦଖଲ ଉଚ୍ଛେଦ କରା ନ ଗଲେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି କୈଳାସ ବେହେରା, ଦଣ୍ଡଧର ବେହେରା, ଗଦାଧର ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ଉପଜିଲାପାଳ ଉଦୟ କୁମାର ମହାପାତ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ସଙ୍ଗଠନ ମଜଭୁତ କରିବାକୁ ପରାମର୍ଶ

**କଣିହାଁ,୨।୮(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓଡେଶା ଭବନ ପରିସରରେ ବ୍ଲକ କଂଗ୍ରେସ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା କଂଗ୍ରେସ ସଭାପତି ବିପ୍ଲବ ଜେନା ଯୋଗଦେଇ ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରିବାକୁ ନବନିଯୁକ୍ତ ବ୍ଲକ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। କଣିହାଁ ବ୍ଲକ ସଭାପତି ସୁଶାନ୍ତ ଶଶିକାନ୍ତ ସାମଲଙ୍କ ସଭାପତିତ୍ୱରେ ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଷ୍ଟ୍ରଦୂତ ଶରତ ଚନ୍ଦ୍ର ପ୍ରଧାନ, ପାଲଲହଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଫକୀର ମୋହନ ସାମଲ, ପିସିସି ପ୍ରବକ୍ତା ସସ୍ମିତା ବେହେରା, କଂଗ୍ରେସ ରାଜ୍ୟ ସମ୍ପାଦିକା ଏଲ୍. ମାଣିକ୍ୟ ପ୍ରଭା, ପାଲଲହଡା କଂଗ୍ରେସ ସଭାପତି ଦୋଳଗୋବିନ୍ଦ ସାହୁ, ଓ.ବି.ସି. ସେଲ୍ ଜିଲା ସଭାପତି ଜିତେନ୍ଦ୍ର ସାହୁ, କଂଗ୍ରେସ ସୋସିଆଲ ମିଡିଆ ଅଧ୍ୟକ୍ଷ ପ୍ରତାପ ରଞ୍ଜନ ଶତପଥୀ, କଣିହାଁ ବ୍ଲକ କଂଗ୍ରେସ ଅନୁସୂଚିତ ବର୍ଗ ସଭାପତି ଖଗେଶ୍ୱର ନାଏକ, ପୂର୍ବତନ ଜିଲାପରିଷଦ ସଦସ୍ୟ ରାଜକିଶୋର ସାହୁ, ରାଜ୍ୟ ଯୁବ କଂଗ୍ରେସ ସଂପାଦକ ଜୀନେସ ସାହୁ, କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଚିନ୍ମୟ ସାହୁ, ନାରୀ ନେତ୍ରୀ ଶାନ୍ତିଲତା ବେହେରା, ଗଦାଶିଳା ସରପଞ୍ଚ ଗୌରୀ ନାଏକ, ଆଇଏନଟିୟୁସି ରାଜ୍ୟ ଯୁବ ସମ୍ପାଦକ ବିମଳ ପ୍ରଧାନ ପ୍ରମୁଖ ଯୋଗଦେଇ ପେଟ୍ରୋଲ, ଗ୍ୟାସ ସହ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧିକୁ ସମାଲୋଚନା କରିଥିଲେ।




କଣିହାଁ ବ୍ଲକ କଂଗ୍ରେସ ସାଙ୍ଗଠନିକ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# କଳାବ୍ୟାଜ୍ ପିନ୍ଧିଲେ ଲାବୋରେଟୋରି ଟେକ୍ନିସିଆନ

**ଢେଙ୍କାନାଳ ଅଫିସ/ ଛେଣ୍ଡିପଦା,୨।୮**

ବିଭିନ୍ନ ଦାବି ନେଇ ଢେଙ୍କାନାଳ ଜିଲାରେ କାର୍ଯ୍ୟରତ ଲାବୋରେଟୋରି ଟେକ୍ନିସିଆନମାନେ ରବିବାରଠାରୁ କଳାବ୍ୟାଜ୍ ପିନ୍ଧି ପ୍ରତୀକାତ୍ମକ ପ୍ରତିବାଦ ଆରମ୍ଭ କରିଛନ୍ତି। କ୍ୟାଡର ରୁଲ ପରିବର୍ତ୍ତନ, ସିନିୟର ଟେକ୍ନିସିଆନଙ୍କୁ ବାଧ୍ୟତାମୂଳକ ପ୍ରଶିକ୍ଷଣ, ଡିଏମ୍ଏଲ୍‌ପି କାଉନସିଲରେ ପଞ୍ଜୀକରଣ ଲାଗି ଯୋଗ୍ୟତା ଅନୁଯାୟୀ ନିଯୁକ୍ତି, ଗ୍ରେଡେସନରେ ପଦୋନ୍ନତି, ଖାଲି ପଡ଼ିଥିବା ପଦବୀ ପୂରଣ ଆଦି ଦାବିରେ ଏଭଳି ପ୍ରତିବାଦ ଆରମ୍ଭ ହୋଇଛି। ମହାମାରୀ ସମୟରେ ଜୀବନକୁ ବାଜି ଲଗାଇ ସେବା ଯୋଗାଉଥିବା ଟେକ୍ନିସିଆନଙ୍କ ଦାବି ତୁରନ୍ତ ପୂରଣ କରିବାକୁ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, ଜିଲା ସମ୍ପାଦକ ମାନସ ରଞ୍ଜନ ସାହୁ ନିବେଦନ କରିଛନ୍ତି। ସେହିପରି ଛେଣ୍ଡିପଦା ବ୍ଲକର ଛେଣ୍ଡିପଦା ଓ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଲାବୋରେଟୋରୀ ଟେକ୍ନିସିଆନମାନେ ବିଭିନ୍ନ ଦାବିରେ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିଛନ୍ତି। ଏହି ପ୍ରତିବାଦରେ ବ୍ଲକର ଲାବୋରେଟୋରୀ ଟେକ୍ନିସିଆନ ଜିତେନ୍ଦ୍ର କୁମାର ପ୍ରଧାନ, ସୁଧୀର କୁମାର ଦେହୁରୀ ଓ ଅରକ୍ଷିତ ମାଝି ପ୍ରମୁଖ ସାମିଲ ଥିଲେ।

# ଶିକ୍ଷାନୁଷ୍ଠାନରେ ଅଚାନକ ଯାଞ୍ଚ କର




ସମୀକ୍ଷା ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

**କୋଭିଡ୍ ପରିଚାଳନା ନେଇ ଜିଲାପାଳଙ୍କ ସମୀକ୍ଷା**

**ଢେଙ୍କାନାଳ ଅଫିସ,୨।୮**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲଠାରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ କୋଭିଡ ପରିଚାଳନା ବ୍ୟବସ୍ଥା ଓ ସ୍ଥିତି ସମ୍ପର୍କିତ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ସ୍କୁଲ, କଲେଜ, ହଷ୍ଟେଲ, କୋଚିଂ ସେଣ୍ଟର ଆଦି ଖୋଲାଯାଇଥିବାରୁ ସମ୍ପୃକ୍ତ ଅଞ୍ଚଳର ଉପଜିଲାପାଳ, ବିଡିଓ, ତହସିଲଦାର ଓ ସମ୍ପୃକ୍ତ ଅଧିକାରୀମାନେ ଉକ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ କଟକଣା ପାଳନ ହେଉଛି କି ନାହିଁ, ଅଚାନକ ପରିଦର୍ଶନ କରି ଯାଞ୍ଚ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ପଡିଲେ ଟେଷ୍ଟିଂ କରିବାକୁ କହିଥିଲେ। ନିୟମିତ ଭାବେ ଆଣ୍ଟିଜେନ୍ ଓ ଆର୍‌ଟିପିସିଆର୍ ଟେଷ୍ଟ ହେଲେ ସଂକ୍ରମିତ ଚିହ୍ନଟ ହେବା ସହିତ ସଂକ୍ରମଣକୁ ରୋକାଯାଇପାରିବ ବୋଲି ଜିଲାପାଳ କହିଥିଲେ। ତେଣୁ ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି କୋଭିଡ୍ ସଂକ୍ରମିତ ବ୍ୟକ୍ତିଙ୍କୁ ଚିହ୍ନଟ କରି ଟେଷ୍ଟିଂ କରାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଗାଁ କଲ୍ୟାଣ ସମିତି ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ ଜିଲାପାଳ କହିଥିଲେ। ସିନେମା ହଲ, ସମସ୍ତ ବ୍ୟବସାୟୀ, ହୋଟେଲ, ଦୋକାନୀ, ଗ୍ରାହକମାନଙ୍କ କ୍ଷେତ୍ରରେ କୋଭିଡ ପ୍ରୋଟକଲ ନିୟମ ଅନୁପାଳନକୁ କଡାକଡି ଯାଞ୍ଚ କରାଯିବା ସହ ଉଲ୍ଲଂଘନ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଂକ୍ରମଣ ହାର କମିଲେ ଆଗାମୀ ତୃତୀୟ ଲହରକୁ ସହଜରେ ମୁକାବିଲା କରିପାରିବା ବୋଲି ଜିଲାପାଳ ଆଶାବ୍ୟକ୍ତ କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର, ଆପାତକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ଓ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ଉପସ୍ଥିତ ଥିଲେ।

## ଗଛ ପଡ଼ି ୩ ଗୁରୁତର

ଛେଣ୍ଡିପଦା,(ସ୍ୱ.ପ୍ର.): ଅନୁଗୋଳ-ଛେଣ୍ଡିପଦା ୬୩ ନଂ ରାଜ୍ୟ ରାଜପଥର କୋଶଳା ରିସର୍ଚ୍ଚ ନର୍ସରୀ ସମ୍ମୁଖରେ ଥିବା ଏକ ଗଛର ଡାଳ ଭାଙ୍ଗିଯିବାରୁ ବାଇକ୍‌ରେ ଯାଉଥିବା ଗୋଟିଏ ପରିବାର ୩ଜଣ ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, କରଡାବାଲୀ ଗ୍ରାମର ବ୍ରଜବନ୍ଧୁ ନାଏକ, ସ୍ତ୍ରୀ ସତ୍ୟବତୀ ନାଏକ ଓ ପୁଅ କାହ୍ନା ନାଏକ ବାଇକ ଯୋଗେ ଅନୁଗୋଳ ମେଡିକାଲ ଅଭିମୁଖେ ଯାଉଥିବାବେଳେ ଗଛ ଡାଳ ଭାଙ୍ଗି ମାଡି ବସିଥିଲା। ଫଳରେ ୩୦ ମିନିଟ୍ ପାଇଁ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା। ସ୍ଥାନୀୟ ବାସିନ୍ଦା ଗୁରୁତରଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଛନ୍ତି।

**ସଂକ୍ଷେପରେ**

## ଟଙ୍କା ଫେରି ପାଇଲେ ଯୁବକ

**ଅନୁଗୋଳ ଅଫିସ, ୨।୮:** ଅନୁଗୋଳ ସହରର ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଥିଲେ ମଧ ପୋଲିସର ତତ୍ପରତା ଯୋଗୁ ସବୁତକ ଟଙ୍କା ଫେରି ପାଇଛନ୍ତି। ସୂଚନା ଅନୁଯାୟୀ, ସମ୍ପୃକ୍ତ ବ୍ୟକ୍ତି ଅନ୍‌ଲାଇନ୍‌ରେ ଏକ କମ୍ପାନୀରୁ ସାମଗ୍ରୀ କିଣିବା ପରେ ତାହା ଫେରାଇବାକୁ ଇଣ୍ଟରନେଟ୍‌ରେ ନମ୍ବର ଖୋଜୁଥିବା ବେଳେ ତାଙ୍କ କ୍ରେଡିଟ୍ କାର୍ଡର ସମସ୍ତ ତଥ୍ୟ ଓ ଓଟିପି ନେଇ ସାଇବର ଠକ ଜଣକ ୩ ଥରରେ ୬୫ ହଜାର ୩୨୮ ଟଙ୍କା ଆକାଉଣ୍ଟରୁ ନେଇଯାଇଥିଲେ। ଏନେଇ ସେ ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ନଂ. ୩୭୦/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତକାରୀ ଅଧିକାରୀ ତୁରନ୍ତ ଟଙ୍କା ଯାଇଥିବା ଅଧିକାରୀଙ୍କୁ ଟ୍ରାଞ୍ଜାକଶନ୍ ହୋଲ୍ଡ କରିବାକୁ କହିଥିଲେ। ଠକେଇ ସମ୍ପର୍କରେ ଅବଗତ କରାଯିବା ପରେ ରବିବାର ସମ୍ପୃକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟକୁ ୬୫ ହଜାର ୩୨୮ ଟଙ୍କା ଫେରିଆସିଥିବା ଅନୁଗୋଳ ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅଜଣା ଲୋକଙ୍କୁ ବ୍ୟାଙ୍କ ସମ୍ପର୍କିତ କୌଣସି ତଥ୍ୟ ପ୍ରଦାନ ନ କରିବାକୁ ପୋଲିସ ପକ୍ଷରୁ ସଚେତନ କରାଯାଇଛି।

## ୪୮ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨।୮:** ଅନୁଗୋଳ ଜିଲାରୁ ସୋମବାର ୪୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍‌ଙ୍କ ସଂଖ୍ୟା ୪୩ ହଜାର ୧୮୪ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଣ୍ଟଁରପାଳ ବ୍ଲକରୁ ୧୦, ଛେଣ୍ଡିପଦା ବ୍ଲକରୁ ୭, ତାଳଚେର ବ୍ଲକରୁ ୬, ଅନୁଗୋଳ ବ୍ଲକରୁ ୫, ଆଠମଲ୍ଲିକ ବ୍ଲକରୁ ୫, ଅନୁଗୋଳ ପୌରାଞ୍ଚଳରୁ ୪, କଣିହାଁ ବ୍ଲକରୁ ୪, ତାଳଚେର ପୌରାଞ୍ଚଳରୁ ୪ ଓ କିଶୋରନଗର ବ୍ଲକରୁ ୩ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୮୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ପୁଣି ୩ ଜଣଙ୍କ ଜୀବନ କରୋନାରେ ଯାଇଥିବାରୁ ଜିଲାରେ ମୋଟ ମୃତକଙ୍କ ସଂଖ୍ୟା ୨୬୬ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଜିଲାପାଳଙ୍କୁ ଭେଟିବେ ମେଡିକାଲ କର୍ମଚାରୀ

**ଅନୁଗୋଳ ଅଫିସ, ୨।୮:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ନ୍ୟୁଟ୍ରେଶନ୍ ରିହାବିଲେଶନ୍ ସେଣ୍ଟର(ଏନ୍‌ଆର୍‌ସି) ବିଲ୍ଡିଂ ନିର୍ମାଣ କରାଯିବ। ଏ ନେଇ ୧୨ ଜଣ କର୍ମଚାରୀ ଓ ୪ ଜଣ ଡାକ୍ତରଙ୍କ କ୍ୱାର୍ଟର୍ସ ଭଙ୍ଗାଯିବ। ତେଣୁ ସେମାନଙ୍କୁ ୧୫ ଦିନ ମଧ୍ୟରେ ଘର ଛାଡ଼ିବାକୁ ମେଡିକାଲ ପ୍ରଶାସନ ପକ୍ଷରୁ ଚିଠି କରାଯାଇଛି। ଏହି ଚିଠି ପାଇବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀମାନେ ସିଡିଏମ୍‌ଓଙ୍କୁ ଭେଟି ଘଟଣାର ବିଚାର କରିବାକୁ କହିଛନ୍ତି। ଏପରି କି ଠିକା ଓ ଡେପୁଟେଶନ୍‌ରେ ଥିବା କର୍ମଚାରୀଙ୍କୁ ମିଳିଥିବା କ୍ୱାର୍ଟର୍ସରେ ସ୍ଥାୟୀ କର୍ମଚାରୀଙ୍କୁ ଥଇଥାନ କରିବାକୁ ଦାବି କରିଛନ୍ତି। ତେବେ ଜିଲାପାଳ ଚିଠି କରିଥିବା ସିଡିଏମ୍‌ଓଙ୍କ ନିକଟରୁ ଶୁଣିବା ପରେ କର୍ମଚାରୀମାନେ ଜିଲାପାଳଙ୍କୁ ଭେଟି ଗୁହାରୀ କରିବେ ବୋଲି କହିଛନ୍ତି।

## ସୌମ୍ୟ ଛାତ୍ର ବିଜେଡି ସଭାପତି



**ବଣ୍ଟଁରପାଳ,୨।୮(ଡି.ଏନ.ଏ.):** ବଣ୍ଟଁରପାଳ ବ୍ଲକ ବିଜୁ ଛାତ୍ର ଜନତା ଦଳର ନୂତନ ସଭାପତି ଭାବେ ସୌମ୍ୟରଞ୍ଜନ ବେହେରାଙ୍କୁ ମନୋନୀତ କରାଯାଇଛି। ସେହିପରି ଉପସଭାପତି ଭାବେ ୪, ସାଧାରଣ ସମ୍ପାଦକ ଭାବେ ୧୦ ଏବଂ ସମ୍ପାଦକ ଭାବେ ୧୦ ଜଣଙ୍କୁ ଚୟନ କରାଯାଇଥିବା ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ରାଜୀବୀ ଲୋଚନ ଦାସ ପ୍ରକାଶ କରିଛନ୍ତି। ସୌମ୍ୟ ବ୍ଲକ ବିଜୁ ଛାତ୍ର ଜନତା ଦଳର ସଭାପତି ଭାବେ ମନୋନୀତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସଭାପତି ଦେବୀରଞ୍ଜନ ତ୍ରିପାଠୀ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ଯୁବନେତା ଅରୁଣାଭ ସିଂ ଏବଂ ଜିଲା ସଭାପତି ରାଜୀବୀ ଲୋଚନ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ୪ ପଞ୍ଚାୟତରେ ନୂଆ ସଭାପତି

**ବଣ୍ଟଁରପାଳ,୨।୮(ଡି.ଏନ.ଏ.):** ଅନୁଗୋଳ ଜିଲା କଂଗ୍ରେସ କମିଟି ସଭାପତି ବିପ୍ଲବ ଜେନାଙ୍କ ନିର୍ଦ୍ଦେଶକ୍ରମେ ବଣ୍ଟଁରପାଳ ବ୍ଲକ କଂଗ୍ରେସ ସଭାପତି ବିନୋଦ କୁମାର ମାଝି ସୋମବାର ୪ ପଞ୍ଚାୟତ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଗଡ଼ ତଳମୂଳର ସଭାପତି ଭାବେ ହିମାଂଶୁ ଶେଖର ଧଳ, ତଳମୂଳ ଶାସନ ସଭାପତି ଭାବେ ଚନ୍ଦ୍ରଶେଖର ପାଣିଗ୍ରାହୀ, ବଉଳିଗଡ଼ ସଭାପତି ଭାବେ ପବିତ୍ର ଭୁକ୍ତା, ମହୀଧରପୁର ପଞ୍ଚାୟତ କଂଗ୍ରେସ ସଭାପତି ଭାବେ ବିଜୟ କୁମାର ପ୍ରଧାନଙ୍କୁ ଚୟନ କରାଯାଇଛି। ଏହି ଅବସରରେ ୪ ପଞ୍ଚାୟତରେ ଦଳ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ନେତା ଶ୍ରୀକାନ୍ତ ଦାସ, ରାଜକିଶୋର ଦଳବେହେରା, ଅଭିରାମ ପଟ୍ଟନାୟକ, ଶରତ ସାମଲ, କୁନା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ନିଷ୍ପତ୍ତିରେ ବିଳମ୍ୱ ନ ହେଉ

- ଅନୁଗୋଳ ଜିଲାରେ ଖୋଲାଯାଉ ଧର୍ମାନୁଷ୍ଠାନ ଦ୍ୱାର
- ଦିଅଁ ଦର୍ଶନ ପାଇଁ ବ୍ୟାକୁଳ ହେଲାଣି ଶ୍ରଦ୍ଧାଳୁଙ୍କ ମନ
- କଟକଣା ମଧ୍ୟରେ ଜିଲାପାଳ ଦିଅନ୍ତୁ ଅନୁମତି



**ଅନୁଗୋଳ ଅଫିସ, ୨।୮**

କୋଭିଡ୍ ସଂକ୍ରମଣ ସାମାନ୍ୟ ଥମିଛି। ତେଣୁ ଅନଲକ୍‌କୁ ଯାଇଛନ୍ତି ରାଜ୍ୟ ସରକାର। ଦୀର୍ଘଦିନ ଧରି ବନ୍ଦ ରହିଥିବା ଶପିଂ ମଲ, ସିନେମା ହଲ, ପାର୍କ ଆଦିକୁ ଜନସାଧାରଣଙ୍କ ପାଇଁ ଖୋଲାଯାଇଛି। ଅଧା ଦର୍ଶକରେ ଯାତ୍ରାକୁ ଅନୁମତି ଦିଆଯାଇଛି। ହେଲେ ଧର୍ମାନୁଷ୍ଠାନ ଖୋଲିବା ନିଷ୍ପତ୍ତି ଜିଲା ପ୍ରଶାସନ ଉପରେ ଛାଡ଼ି ଦିଆଯାଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ରାଜ୍ୟ ସରକାର ଜୀବନ ଓ ଜୀବିକା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଉଥିବା କଥା କହୁଥିବା ବେଳେ ଧର୍ମାନୁଷ୍ଠାନ ପ୍ରତି ଏପରି ଅବିଚାରକୁ ନାପସନ୍ଦ କରାଯାଇଛି। ଏହା ଉପରେ ନିର୍ଭର କରୁଥିବା ହଜାର ହଜାର ପୂଜାରୀ, ପଣ୍ଡିତ ଓ ଭୋଗ ସାମଗ୍ରୀ ଦୋକାନୀଙ୍କ ରୋଜଗାର ବନ୍ଦ ହୋଇଯାଇଥିବାରୁ ନିଷ୍ପତ୍ତି ଆଉ ବିଳମ୍ୱ କରା ନ ଯାଉ। କଟକଣା ମଧ୍ୟରେ ଧର୍ମାନୁଷ୍ଠାନ ଦ୍ୱାର ଖୋଲାଯାଉ ବୋଲି ଅନୁଗୋଳ ଜିଲାବାସୀ ଦାବି କରିଛନ୍ତି।

ଧର୍ମାନୁଷ୍ଠାନ ଖୋଲିବା ନିଷ୍ପତ୍ତି ରାଜ୍ୟ ସରକାର ଜିଲା ପ୍ରଶାସନ ଉପରେ ନ୍ୟସ୍ତ କରିବା ପରେ ଏବେ ଗୋଟିଏ ପରେ ଗୋଟିଏ ଜିଲାରେ ଏହା ଖୋଲିବାକୁ ଯାଉଛି। ସମ୍ବଲପୁରର ଆରାଧ୍ୟା ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିର ଖୋଲାଯିବାକୁ ସ୍ଥିର କରାଯାଇ ସାରିଛି। ସେହିପରି ଆସନ୍ତା ୪ ତାରିଖରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିର ଖୋଲାଯିବ ବୋଲି ଘୋଷଣା କରାଯାଇଛି। ତେଣୁ ଅନୁଗୋଳ ଜିଲା ପ୍ରଶାସନ ଧର୍ମାନୁଷ୍ଠାନ ଖୋଲିବା ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଜୋରଦାର ଦାବି ହେଉଛି। ଅପରପକ୍ଷରେ ପ୍ରଶାସନ ପକ୍ଷରୁ ଖୁବ୍‌ଶୀଘ୍ର ଏକ ବୈଠକ ଡକାଯିବ ବୋଲି ସୂଚନା ମିଳିଥିବାରୁ ଏ ନେଇ ଜିଲାବାସୀ ଆଶାବାଦୀ ହୋଇପଡ଼ିଛନ୍ତି। ଜିଲାର ବିଭିନ୍ନ ଧର୍ମାନୁଷ୍ଠାନ କମିଟି ପକ୍ଷରୁ ଖୁସି ବ୍ୟକ୍ତ କରାଯାଇଥିବା ବେଳେ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଦୀର୍ଘ ଦିନ ହେବ ଦିଅଁ ଦର୍ଶନର ସୁଯୋଗ ମିଳି ନ ଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। କୋଭିଡ୍ କଟକଣା ମଧ୍ୟରେ ଭକ୍ତଙ୍କ ପାଇଁ ଭଗବାନଙ୍କ ଦ୍ୱାର ଉନ୍ମୁକ୍ତ କରାଗଲେ ଅଧିକ ଅସୁବିଧା ହେବ ନାହିଁ ବୋଲି ଜିଲାବାସୀ ମତ ଦେଇଛନ୍ତି।

### ବୈଠକ ପରେ ଚୂଡ଼ାନ୍ତ ନିଷ୍ପତ୍ତି



ଅନୁଗୋଳ ଜିଲାରେ ଥିବା ଧର୍ମାନୁଷ୍ଠାନଗୁଡ଼ିକ ସମ୍ପର୍କରେ ବିଭିନ୍ନ କମିଟିକୁ ଡକାଯାଇ ଆଲୋଚନା କରାଯିବ। ଖୁବ୍‌ଶୀଘ୍ର ଏହି ବୈଠକ ଡକାଯାଇ ସେଥିରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୋଭିଡ୍ କଟକଣା କଡ଼ାକଡ଼ି ପାଳନ ହେବ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

### ଅବିଚାର କରା ନ ଯାଉ



ଲୋକଙ୍କ ଆମୋଦପ୍ରମୋଦ ପାଇଁ ସିନେମା ହଲ ଓ ପାର୍କକୁ ଅନୁମତି ଦିଆଯାଇଛି। ଯାତ୍ରା ମଧ ମଞ୍ଚସ୍ଥ ହେବ ବୋଲି କୁହାଯାଇଛି। କିନ୍ତୁ ଧର୍ମାନୁଷ୍ଠାନ ଦ୍ୱାରରୁ ତାଲା ଖୋଲିବାରେ ବିଳମ୍ୱ କରାଯାଉଛି। ଏପରି ଅବିଚାର କରା ନ ଯାଇ ସାନିଟାଇଜ୍ ସହ କୋଭିଡ୍ ନିୟମାନୁଯାୟୀ ମନ୍ଦିର ଖୋଲିବାକୁ ଅନୁମତି ଦିଆଯାଉ।

-ହେମନ୍ତ ଦାସ, ବୁଦ୍ଧିଜୀବୀ

### ଦର୍ଶନରୁ ବଞ୍ଚିତ କରା ନ ଯାଉ



ଦୀର୍ଘ ଦିନ ହେଲା ମନ୍ଦିର ବନ୍ଦ ଯୋଗୁ ବିନିକେଇ ପୀଠକୁ ଆସୁଥିବା ବିଭିନ୍ନ ଅଞ୍ଚଳବାସୀ ମା'ଙ୍କ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ପୂଜାପଣ୍ଡାମାନଙ୍କ ଆୟ ମଧ ବନ୍ଦ ହୋଇଯାଇଛି। ତେଣୁ ସରକାର ଶୀଘ୍ର ମନ୍ଦିର ଖୋଲିବା ପାଇଁ ଅନୁମତି ଦେବା ଆବଶ୍ୟକ।

-ଅବଧୂତ ପଣ୍ଡା, ପୂଜକ, ବିନିକେଇ

### ଭକ୍ତମାନେ ନିରାଶ ହେଉଛନ୍ତି



ଅନ୍ୟ ଜିଲାରେ ମନ୍ଦିର ଖୋଲିବାକୁ ପ୍ରଶାସନ ଅନୁମତି ଦେଲାଣି। ତେଣୁ କୋଭିଡ୍ କଟକଣା ମଧ୍ୟରେ ମା' ହିଙ୍ଗୁଳା ମନ୍ଦିର ଖୋଲିବାକୁ ଜିଲାପାଳ ଅନୁମତି ଦିଅନ୍ତୁ। ଫଳରେ ମା'ଙ୍କ ପୂଜାର୍ଚ୍ଚନା ଓ ଦର୍ଶନରୁ ବଞ୍ଚିତ ହେଉଥିବା ଭକ୍ତମାନଙ୍କୁ ଆଉ ନିରାଶ ହେବାକୁ ପଡ଼ିବ ନାହିଁ।

-ରାଜେନ୍ଦ୍ର ସିଂହ, ହିଙ୍ଗୁଳା ଟ୍ରଷ୍ଟ ସଦସ୍ୟ

## ୬୪ ୟୁନିଟ୍ ରକ୍ତ ସଂଗ୍ରହ



**ଛେଣ୍ଡିପଦା,୨।୮(ସ୍ୱ.ପ୍ର.)**

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ରବିବାର କଣଲୋଇ ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବଙ୍କ ଆହ୍ୱାନ କ୍ରମେ 'ସେବା ହିଁ ସଂଗଠନ' ଅଭିଯାନରେ କଣଲୋଇ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। କଣଲୋଇ ପଞ୍ଚାୟତ ଭାଜପା ସଭାପତି କମଳ କୃଷ୍ଣ ଦେହୁରୀଙ୍କ ନେତୃତ୍ୱରେ ଏହି ଶିବିରରେ ମୁଖ୍ୟଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକ, ବାଗଡିଆ ମଣ୍ଡଳ ସଭାପତି ମନୋରଞ୍ଜନ ଆଚାର୍ଯ୍ୟ, ମିଡିଆ ସେଲ୍ ପ୍ରଭାରୀ ଅକ୍ଷୟପାଦ ବେହେରା, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଯଶୋବନ୍ତ ପ୍ରସାଦ ବେହେରା ଯୋଗ ଦେଇଥିଲେ। ଏହି ଶିବିରରେ ୬୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ମୁଖ୍ୟ ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

## କୃଷି ଉତ୍ପାଦନ କ୍ଲଷ୍ଟର କର୍ମଶାଳା

**ଅନୁଗୋଳ ଅଫିସ,୨।୮**

ଅନୁଗୋଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭାଗୃହଠାରେ ଜିଲା ଖଣିଜ ପ୍ରତିଷ୍ଠାନ ସହଯୋଗରେ ଗତ ୩୦ ତାରିଖରେ ଏକ ଦିନିକିଆ କୃଷି ଉତ୍ପାଦନ କ୍ଲଷ୍ଟର କର୍ମଶାଳା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ଯୋଗ ଦେଇଥିଲେ। ଜିଲାର ଅନୁଗୋଳ, ଆଠମଲ୍ଲିକ, ଛେଣ୍ଡିପଦା, କିଶୋରନଗର ଓ ପାଲଲହଡା ବ୍ଲକରେ କୃଷି ଉତ୍ପାଦନ ସମୂହ ଦ୍ୱାରା କୃଷି ଓ କୃଷିଭିତ୍ତିକ କାର୍ଯ୍ୟକୁ ତ୍ୱରାନିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଦିଲୀପ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପଦ୍ମଲୋଚନ ଦାସ ଉପସ୍ଥିତ ରହି ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ପଞ୍ଚାୟତ ସମିତିସ୍ତରରେ ଭିନ୍ନ ଭିନ୍ନ ବେସରକାରୀ ସଂସ୍ଥା ଦ୍ୱାରା ଏହି ଯୋଜନା ପରିଚାଳିତ ହେବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲାର ଅନ୍ୟୁନ୍ୟ ୧୫ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରାଯିବାର ଲକ୍ଷ୍ୟ ରଖାଯାଇଛି।



ଦିନିକିଆ କୃଷି କର୍ମଶାଳାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## କୋଶଳା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

**ଛେଣ୍ଡିପଦା,୨।୮(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଭାଜପା କୋଶଳା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ କୋଶଳାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ସଭାପତି ଶରତ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବାବେଳେ ଜିଲା କୃଷକ ମୋର୍ଚ୍ଚାର ସଭାପତି ବିଜୟ କୁମାର ମାଝିଙ୍କ ପରିଚାଳନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଜିଲା ଉପସଭାପତି ଚୌଧୁରୀ ପ୍ରଧାନ, ରାଜ୍ୟ ପରିଷଦ ସଦସ୍ୟ ଗୋବିନ୍ଦ ନାଏକ, ଆଇଟି ସେଲ୍ ପ୍ରମୁଖ ଅକ୍ଷୟପାଦ ବେହେରା, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଯଶୋବନ୍ତ ବେହେରା, ଛେଣ୍ଡିପଦା ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକ, କୋଶଳା ମଣ୍ଡଳ ପ୍ରଭାରୀ ଜୀବନାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସଙ୍ଗଠନ ସୁଦୃଢ଼ କରିବାକୁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ।

## ସାର ବଣ୍ଟନରେ ଅନିୟମିତତା ନେଇ ଉତ୍ତେଜନା



ସାର ନେବାକୁ ସମିତିକୁ ଆସିଥିବା ଚାଷୀମାନେ।

**ଛେଣ୍ଡିପଦା,୨।୮(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ସୋମବାର ସାର ବିକ୍ରି ତଥା ବଣ୍ଟନରେ ଅନିୟମିତତାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଯାଇଥିଲା। ସୂଚନାଯୋଗ୍ୟ, ଦୁର୍ଗାପୁର ସମବାୟ ସମିତି ଉପରେ କତଡା ଗ୍ରାମର ୬୦୦, ଦୁର୍ଗାପୁରର ୭୦୦, କୋରଡା ଗ୍ରାମର ୬୦୦ ଚାଷୀ ନିର୍ଭରଶୀଳ। ହେଲେ ସମିତି ଗୋଦାମରେ ୟୁରିଆ ସାର ୪ଶହ ବସ୍ତା, ଡିଏପି ୮୦ ବସ୍ତା, ପଟାସ ୪୦ ବସ୍ତା ରହିଛି। ସାର କମ୍ ପରିମାଣର ଥିବାବେଳେ ପ୍ରାୟ ଏକ ହଜାରରୁ ଅଧିକ ଚାଷୀ ସାର ନେବା ପାଇଁ ରୁଣ୍ଡ ହୋଇଥିଲେ। ଫଳରେ ସାର ବିକ୍ରି ତଥା ବଣ୍ଟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅପରପକ୍ଷରେ ଅଧିକ ପରିମାଣର ସାର ନ ଆସିବା ପର୍ଯ୍ୟନ୍ତ ସାର ବଣ୍ଟନ କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ସରକାରୀ ନିୟମାନୁଯାୟୀ ଚାଷୀ ଆଧାର କାର୍ଡ ଦେଖାଇ ସମିତିରୁ ଗୋଟିଏ ବସ୍ତା ସାର ନେଇ ପାରିବେ। କିନ୍ତୁ କେତେଜଣ ଚାଷୀ ସେମାନଙ୍କ ପରିବାର ଓ ସମ୍ପର୍କୀୟଙ୍କ ଆଧାର କାର୍ଡ ଦେଇ ସାର ନେଇ ଯାଉଥିଲେ। ଫଳରେ ଅନ୍ୟ ଚାଷୀମାନେ ଏହାକୁ ବିରୋଧ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ସମିତି ସମ୍ପାଦକ ସରୋଜ ପ୍ରଧାନ ଉତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରିବା ସହିତ ଜଣେ ଚାଷୀଙ୍କୁ ଆଧାର କାର୍ଡ ଦେଖି ଗୋଟିଏ ବସ୍ତା ସାର ପାଇଁ ଟୋକନ ଦିଆଯିବ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସାର ନ ପାଇ ଅନେକ ଚାଷୀ ନିରାଶ ହୋଇ ଫେରି ଆସିଥିବା ଜଣାପଡ଼ିଛି।

## ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ଉଦ୍‌ଘାଟିତ

**ଅନୁଗୋଳ ଅଫିସ,୨।୮**

ଜିଲାର ସମସ୍ତ ବିପିଏଲ୍ ପରିବାର ଓ ଭିନ୍ନକ୍ଷମଙ୍କ ନିମନ୍ତେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଉପବିଭାଗ କାର୍ଯ୍ୟାଳୟ ପରିସରରେ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଯେଉଁ ବିପିଏଲ୍ ପରିବାରର ବାର୍ଷିକ ଆୟ ୨ ଲକ୍ଷ ୪୦ ହଜାରରୁ କମ୍ ଥିବ ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ଥିବା ଭିନ୍ନକ୍ଷମ ବ୍ୟକ୍ତିମାନେ ମାଗଣାରେ ଏହି କେନ୍ଦ୍ର ମାଧ୍ୟମରେ ଉପକୃତ ହୋଇପାରିବେ। ଏହାଛଡା ଆବଶ୍ୟକ ସ୍ଥଳେ ଅଙ୍ଗ ଓ ସହାୟକ ଉପକରଣ ମାଗଣାରେ ଉପଲବ୍ଧ କରାଯାଇପାରିବ। ଜିଲା ଖଣିଜ ପାଣ୍ଠିରୁ ଆବଶ୍ୟକ ଯନ୍ତ୍ରପାତି ଏହି କେନ୍ଦ୍ରକୁ ଯୋଗାଇ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ବଇତୁରା ଦୀପ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ପୂର୍ବତନ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମାଧବ ଚନ୍ଦ୍ର ବରାଡ, ଅନୁଗୋଳ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଚୋରା କେନ୍ଦୁପତ୍ର ଜବତ

**ବଇଣ୍ଡା,୨।୮(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ଖଳିତଇଲା ଅଞ୍ଚଳରେ ରବିବାର ରାତିରେ ଧଣ୍ଡାତୋପା ବନବିଭାଗ ପକ୍ଷରୁ ଚଢାଉ କରାଯାଇ ଏକ ଚୋରା କେନ୍ଦୁପତ୍ର ବୋଝେଇ ବୋଲେରୋ ଜବତ କରାଯାଇଛି। ଏଥିରୁ ୨ କୁଇଣ୍ଟାଲ ୨୫ କେ.ଜି. କେନ୍ଦୁପତ୍ର ଜବତ ହୋଇଛି। ଚାଳକ ଓ ବ୍ୟବସାୟୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବୋଲେରୋଟି ଖଳିତଇଲା ଅଞ୍ଚଳରୁ କେନ୍ଦୁପତ୍ର ବୋଝେଇ କରି ଅନୁଗୋଳ ଅଭିମୁଖେ ଯାଉଥିବା ଖବରପାଇ ଧଣ୍ଡାତୋପା ରେଞ୍ଜର ରବିନାରାୟଣ ମହାନ୍ତି, ଫରେଷ୍ଟର ସୁବ୍ରତ ଶତପଥୀ, ପ୍ରବୀଣ କୁମାର ପ୍ରଧାନ ପ୍ରମୁଖ ଚଢାଉ କରିଥିଲେ।



ବନ ବିଭାଗ ପକ୍ଷରୁ ଜବତ କରାଯାଇଥିବା କେନ୍ଦୁପତ୍ର ଓ ଗାଡ଼ି।

## ସିଏଜି ଅଡିଟ୍ ପାଇଁ ଦାବି

**ଅନୁଗୋଳ ଅଫିସ, ୨।୮**

ଅନୁଗୋଳ ଜିଲା ଭାଜପାର ଏକ ଜରୁରୀ ବୈଠକ ସୋମବାର ଜିଲା କାର୍ଯ୍ୟାଳୟ ଠାରେ ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ଅର୍ଥର ବାଟମାରଣା ହୋଇଥିବା ଅଭିଯୋଗ କରାଯିବା ସହ ସିଏଜି ଅଡିଟ ପାଇଁ ଦାବି କରାଯାଇଛି। ଦଳ ପକ୍ଷରୁ କୁହାଯାଇଛି ଯେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଏସ୍‌ଏଫ୍‌ସି, ସିଏଫ୍‌ସି ଫଣ୍ଡରେ ଅନୁଗୋଳ ଜିଲାରେ ବ୍ୟାପକ ଦୁର୍ନୀତି ହୋଇଛି। ମୋ ସ୍କୁଲ ଅଭିଯାନରେ ଜିଲାର ୧୦୦ଟି ସ୍କୁଲକୁ ୫୦ ରୁ ୬୦ ଲକ୍ଷ ଟଙ୍କା ଲେଖାଏ ଆସିଥିବାବେଳେ ଏହାକୁ ଆତ୍ମସାତ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଏ ସମସ୍ତ ବିଷୟକୁ ନେଇ ଦଳ ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଅଶୋକ ମହାନ୍ତି ଓ ଅଗସ୍ତି ବେହେରା, ତଳଚେର ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, କଣିହାଁ ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ ଓ ସୁବର୍ଣ୍ଣା ସାହୁ, ୧୩ ଜଣ ଜିଲା ପରିଷଦ ସଦସ୍ୟଙ୍କ ସମେତ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ।




ଅନୁଗୋଳ ଜିଲା ଭାଜପାର ଜରୁରୀ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ଅଧାରେ ଅଟକିଛି ରାସ୍ତା ନିର୍ମାଣ

- ୩ ଗ୍ରାମର ବାସିନ୍ଦା ହନ୍ତସନ୍ତ
- ଜିଲାପାଳଙ୍କଠାରେ ଅଭିଯୋଗ
- ଆନ୍ଦୋଳନ ପାଇଁ ଦେଲେ ଚେତାବନୀ

**ବଇଣ୍ଡା,୨।୮(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପିତାବଳିବାହଳ ଛକଠାରୁ ବିପ୍ରଡିହ ଗ୍ରାମକୁ ଯାଇଥିବା ୧୦.୭୦୦ କିଲୋମିଟର ମାଟି ରାସ୍ତାକୁ ପକ୍କା କରିବାରେ ବନ ବିଭାଗ ପ୍ରତିବନ୍ଧକ ସାଜିଛି। ସରକାର ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବାବେଳେ ବନ ବିଭାଗ ଅନୁମତି ମିଳୁ ନ ଥିବାରୁ କାର୍ଯ୍ୟ ଅଧାରେ ଅଟକିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା କେଞ୍ଚୁଆନାଳି, ବିପ୍ରଡିହ, ତରଣ୍ଡା ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ସୋମବାର ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି।

ଅଭିଯୋଗପତ୍ରରେ ଦର୍ଶାଯାଇଛି, ଉକ୍ତ ଅଞ୍ଚଳ ଜଙ୍ଗଲ ଅଧ୍ୟୁଷିତ ହୋଇଥିବା ବେଳେ ଗ୍ରାମ ଗୁଡିକକୁ ସଂଯୋଗ କରିବା ପାଇଁ କେବଳ ମାଟି ରାସ୍ତା ରହିଛି। ବହୁ ବର୍ଷ ହେବ ଅଭିଯୋଗ ପରେ ସରକାର ଉକ୍ତ ଗ୍ରାମଗୁଡିକକୁ ସଂଯୋଗ କରିବା ପାଇଁ ୨୦୨୦-୨୦୨୧ ବର୍ଷରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ୪ କୋଟି ୩୩ ଲକ୍ଷ ଟଙ୍କା ଅଟକଳ କରି ନିର୍ମାଣ ଆରମ୍ଭ କରିଥିଲେ। ରାସ୍ତାର ମେଣ୍ଟାଲ କାମ ଶେଷ ହୋଇଥିଲେ ମଧ ତରଣ୍ଡାଠାରେ ଥିବା ୩.୨୦୦ କିଲୋମିଟର ରାସ୍ତା ଜଙ୍ଗଲ ବିଭାଗ ଅଧୀନରେ ରହିଛି। ବିଭାଗ ରାସ୍ତା ନିର୍ମାଣ ପାଇଁ ଅନୁମତି ପ୍ରଦାନ କରୁ ନ ଥିବାରୁ ଉକ୍ତ ୩.୨୦୦ କିଲୋମିଟର ରାସ୍ତା କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ଏ ନେଇ ପୂର୍ବରୁ ୩ ଗ୍ରାମବାସୀ ଆଠମଲ୍ଲିକ ଡିଏଫଓଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହାପରେ ବିଭାଗ ପକ୍ଷରୁ ୩ ଗ୍ରାମରେ ପଲ୍ଲିସଭା ହୋଇଥିଲା। ଜଙ୍ଗଲ ବିଭାଗ ଅନୁମତି ଦେବା ସହ ରାସ୍ତା କାମ ଶୀଘ୍ର ଶେଷ କରିବା ପାଇଁ ପଲ୍ଲିସଭାରେ ମତ ପ୍ରକାଶ ପାଇଥିଲା। ହେଲେ ଜଙ୍ଗଲ ବିଭାଗ ଅନୁମତି ଦେବାରେ ବିଳମ୍ବ କରୁଥିବା ଯୋଗୁ ରାସ୍ତା କାମ ଅଧାରେ ଅଟକିଛି। ତୁରନ୍ତ ଜଙ୍ଗଲ ବିଭାଗ ଅନୁମତି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସମୀର ରଞ୍ଜନ ପ୍ରଧାନ, ମିତ୍ରଚରଣ ପ୍ରଧାନ, ପୀତାମ୍ବର ସାହୁ, ଜାନକୀ ସାହୁ, ଦେବରାଜ ନାୟକ, ବନମାଳୀ ନାୟକ, ପରମାନନ୍ଦ ସାହୁ, ଦୁଃଖବନ୍ଧୁ ଦେହୁରି ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ଧଣ୍ଡାତୋପା ରେଞ୍ଜର ରବିନାରାୟଣ ମହାନ୍ତି କହିଛନ୍ତି, ଉକ୍ତ ରାସ୍ତାର ଅନୁମତି ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଅନୁମତି ମିଳିଲେ ରାସ୍ତା କାମ ହେବ।



ଜଙ୍ଗଲ ବିଭାଗର ବିରୋଧ ଯୋଗୁ ରାସ୍ତା କାର୍ଯ୍ୟ ହୋଇପାରୁ ନ ଥିବା ମହିଳାମାନେ ଦର୍ଶାଉଛନ୍ତି।

